## କିରୋସିନ ପିଇ ଶିଶୁ ମୃତ

ଭଣ୍ଡାରିପୋଖରୀ,(ଡି.ଏନ.ଏ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ନେରଡ଼ା ଗ୍ରାମର ମନୋଜ ମଲ୍ଲିକଙ୍କ ଦେଢ଼ବର୍ଷର ଶିଶୁକନ୍ୟା କିରୋସିନ ପିଇ ଦେବାରୁ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଶିଶୁକନ୍ୟା ସଂଜ୍ଞାହୀନ ହୋଇପଡ଼ିଥିଲା। ପାଟିରୁ କିରୋସିନି ବାସ୍ନା ଆସିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକ ଡାକ୍ତରଖାନା ନେବା ବେଳେ ବାଟରେ ମୃତ୍ୟୁ ଘଟିଥିଲା।

**ସଂକ୍ଷେପରେ**

## ଗୋରୁ ବୋଝେଇ ଟ୍ରକ୍ ଜବତ, ୨୯ ଉଦ୍ଧାର



ସିମୁଳିଆ, ୧୪।୮(ଡି.ଏନ.ଏ.)-ସିମୁଳିଆ ଥାନାଠାରୁ ୫କି.ମି. ଦୂର ଜାତୀୟ ରାଜପଥରେ ପୋଲିସ ଏକ ଗୋରୁ ବୋଝେଇ ଟ୍ରକ (ନଂ. ଓଆର୍୦୯ଏଚ୍-୭୦୮୫)କୁ ଜବତ କରିଛି। ଏଥିରେ ଥିବା ୨୯ଟି ଗୋରୁଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ରୁଦ୍ରାଶ୍ରମ ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ଏହି ଟ୍ରକ୍ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିଲା। ତେବେ ମଇତାପୁର ନିକଟରେ ପୋଲିସ ତଲାସୀ କରୁଥିବା ବେଳେ ଗାଡିରେ ଗୋରୁ ବୋଝେଇ ହୋଇଥିବା ଜାଣିପାରିଥିଲେ। ଘଟଣାସ୍ଥଳରୁ ଟ୍ରକ ଚାଳକ ଓ ହେଲପର ଫେରାର ହୋଇଯାଇଛନ୍ତି।

## 'ହାତୀ ଆମ ଗାଁର ପରିଚୟ'

ବାଙ୍ଗିରିପୋଷୀ,୧୪।୮(ଡି.ଏନ.ଏ.)-ବିଶ୍ୱ ହସ୍ତୀ ଦିବସ ଅବସରରେ ସଂଗ୍ରାମ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବାଙ୍ଗିରିପୋଷୀ ବନାଞ୍ଚଳ ମିଳିତ ସହଯୋଗରେ ଝିଙ୍କ ପାହାଡି, ନାଫ୍ରି, ବାଲିଖଣ ଆଦି ହାତୀ ପ୍ରବଣ ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ସଚେତନତା କରାଯାଇଛି। ଅନୁଷ୍ଠାନ ଅଧକ୍ଷା ସଂଯୁକ୍ତା ବଶା ଯୋଗଦେଇ ହାତୀ ସୁରକ୍ଷା ପାଇଁ ସମସ୍ତେ ମିଳିମିଶି ଉଦ୍ୟମ କରିବା ସହ ହାତୀ ଆମ ଗାଁର କିପରି ପରିଚୟ ବୃଦ୍ଧି କରିପାରିଛି ତାହା ବୁଝାଇଥିଲେ। ବଡଗାଁ ବନପାଳ ଖଗେଶ୍ୱର ସେଠୀ କହିଥିଲେ ହାତୀ ପାଇଁ ହିଁ ଜଙ୍ଗଲ ପୂର୍ବଠାରୁ ଅଧିକ ସୁରକ୍ଷିତ ହେବା ସହ ଲୋକ ହାତୀ ଭୟରେ ଜଙ୍ଗଲକୁ ପୂର୍ବପରି ଯାଉ ନାହାନ୍ତି। ଏଣୁ ହାତୀର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ। ସଚେତନତା ବୈଠକରେ ଗ୍ରାମର ବନସଂରକ୍ଷଣ ସମିତିର କାର୍ଯ୍ୟକର୍ତ୍ତା, ମହିଳା ଗୋଷ୍ଠୀ ଓ ଗ୍ରାମର ଯୁବଗୋଷ୍ଠୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ବନରକ୍ଷୀ ମଳୟ ମହାନ୍ତ, ରଜନୀକାନ୍ତ ଚୌଧୁରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ହାତୀପଲଙ୍କ ଦ୍ୱାରା ଧାନ ଫସଲ ନଷ୍ଟ

ଠାକୁରମୁଣ୍ଡା, ୧୪।୮(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ୍ ଅନ୍ତର୍ଗତ ଚମକପୁର ଗ୍ରାମ ନିକଟରେ ଥିବା ଧାନ ବିଲ ଗୁଡିକରେ ପଶି ୪ଟି ହାତୀ ଧାନ ଫସଲ ଖାଇବା ସହ ମାଡି ଦେଇ ନଷ୍ଟକରି ଦେଇଛନ୍ତି। ଏହି ହାତୀ ଦଳ ଅଧିକାଂଶ ଦିନ ରାତିରେ ଜଙ୍ଗଲରୁ ବାହାରି ଜଙ୍ଗଲ ଓ ଗ୍ରାମ ନିକଟରେ ରହିଥିବା ଲୋକଙ୍କ ବିଲରେ ପଶି ଧାନ ଫସଲ ନଷ୍ଟ କରିଦେଉଛନ୍ତି। ସେହିପରି ଶୁକ୍ରବାର ରାତିର ଚମକପୁର ଗ୍ରାମର ନୀଳାମ୍ବର ଦାସଙ୍କ ୪ ଟି ଧାନ କିଆରୀ, ମଞ୍ଜୁ ଦାସ ଓ ପଦୁ ଦାସ ଙ୍କ ଗୋଟିଏ ଲେଖାଏଁ ଧାନ କିଆରୀର ଧାନ ଫସଲକୁ ନଷ୍ଟ କରି ଦେଇଛନ୍ତି। ଫସଲର କ୍ଷତିପୂରଣ ଦେବାକୁ ସମ୍ପୃକ୍ତ ଚାଷୀ ମାନେ ଦାବି କରିଛନ୍ତି।

## ଝୋଟ କଳରେ ଅରୁଣ ଦେ'ଙ୍କ ଏକାଦଶାହ

ରୂପସା, ୧୪।୮(ଡି.ଏନ.ଏ.)-ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ଝୋଟ କାରଖାନା ଶ୍ରମିକ ସଂଘ ତରଫରୁ ଗୁରୁବାର ସଂଘ ସଭାପତି ତଥା ପୂର୍ବତନ ବିଧାୟକ ଅରୁଣ ଦେଙ୍କ ଏକାଦଶାହ ପାଳିତ ହୋଇଯାଇଛି। ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ଉପସଭାପତି ଦୀପକ ପଣ୍ଡା ଓ କୋଷାଧକ୍ଷ ଉମେଶ ନାୟକଙ୍କ ତତ୍ତ୍ୱାବଧାନରେ ହରିନାମ ସଂକୀର୍ତ୍ତନ କରାଯାଇଥିଲା। ସଂଘ କାର୍ଯ୍ୟାଳୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲା ପରିଷଦସଭ୍ୟ ବରଦା ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର, କାରଖାନା ଜେନେରାଲ ମ୍ୟାନେଜର ହୃଷିକେଶ ରାଉତ, ଆଇନଜୀବୀ ଶାନ୍ତନୁ କୁମାର ଦାସ, ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ, ସରପଞ୍ଚ ଶୁଭେଶ ନାୟକ, ବିକାଶ ପରିଷଦ ସଭାପତି ଭଗବାନ ମହାପାତ୍ର, ଶୁଭେଚ୍ଛୁ କମିଟି ସଭ୍ୟ ତପନ ଗିରି, ଯୁବନେତା ଦେବବ୍ରତ ବିଶ୍ୱାଳ, ମନୋରଞ୍ଜନ ପ୍ରଧାନ ପ୍ରମୁଖ ସ୍ୱର୍ଗତ ଦେଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



କାଳୀ ମନ୍ଦିର ସାହି ରାସ୍ତାରେ ପ୍ରବାହିତ ପାଣି।



ମଧୁବନ ତଳିଆ ଅଞ୍ଚଳରେ ଥିବା ଘରଗୁଡ଼ିକରେ ବର୍ଷାପାଣି ପଶିଯାଇଛି।

# ଘଣ୍ଟାଏ ବର୍ଷାରେ ବୁଡ଼ିଲା ବାରିପଦା

ବାରିପଦା ଅଫିସ, ୧୪।୮

ଶନିବାର ଅପରାହ୍ନ ସମୟରେ ପ୍ରବଳ ବର୍ଷା ଯୋଗୁ ବାରିପଦା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରାସ୍ତା ଉପରେ ୨ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ବିଭିନ୍ନ ଅଞ୍ଚଳରେ ଘରେ ପାଣି ପଶି ଯାଇଥିବାରୁ ପରିସ୍ଥିତି ଉଦବେଗଜନକ ହୋଇପଡିଛି । ଏହାର ପ୍ରତିବାଦ କରି ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ଅବରୋଧ କରିଛନ୍ତି । ପୋଲିସ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାଶୁଝା କରୁଛି। ସହରର ଶୂନଗଡିଆ, ତୁଳସୀଚଉରା, ମଧୁବନ ଆଦି ତଳିଆ ଅଞ୍ଚଳରେ ବର୍ଷା ଜଳ ରାସ୍ତା ଓ ଘର ଭିତରେ ପ୍ରବେଶ କରିଛି । ସେହିପରି ଦାରଗାଡାହି ଗୋଲେଇ–ବାଘଡା ରୋଡ ରାସ୍ତାର ମନ୍ତ୍ରୀଛକଠାରେ ୨ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଛି । ୧୭ନଂ ୱାର୍ଡକୁ ସଂଯୋଗ କରୁଥବା ତଳିଆ ପୋଲ ଉପରେ ବର୍ଷାଜଳ ପ୍ରାବହିତ ହେଉଥିବାରୁ ବାଇକ ଆରୋହୀ ଜଣକ ସ୍ରୋତରେ ଭାସିଯାଇଛନ୍ତି । ତେବେ ସହର ମଧ୍ୟରେ ଥିବା ଜରାଳୀ, ସରାଳୀ ନଦୀ ଓ ନାଳ ଗୁଡିକରେ କୁଢ କୁଢ ଆବର୍ଜନା ଜମା ହେବା ସହ ବେଆଇନ କୋଠା ନିର୍ମାଣ ଯୋଗୁ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଉଦବୃତ୍ତ ଜଳ ସହର ମଧ୍ୟରେ ପ୍ରବେଶ କରୁଛି । ଫଳରେ ନାଳନର୍ଦ୍ଦମା ପାଣି ପାଇଁ ସହରବାସୀ ହନ୍ତସନ୍ତ ହେଉଛନ୍ତି ବୋଲି ସନ୍ତୋଷ ନାଏକ, ଈଶ୍ୱର ମହାନ୍ତ, ଯୋଗେଶ ବେହେରା ପ୍ରମୁଖ ପ୍ରକାଶ କରିଛନ୍ତି । ମଧୁବନ ବସ୍ତି ଅଞ୍ଚଳରେ ପାଣି ପ୍ରବେଶ କରିବାରୁ ଉତ୍ୟକ୍ତ ଲୋକେ ବାରିପଦା–ଉଦଳା ରାଜପଥକୁ ଅବରୋଧ କରିଛନ୍ତି । ଫଳରେ ଚାରିଚକିଆ ଯାନବାହନ ଚଳପ୍ରଚଳ ବନ୍ଦ ରହିଛି । ତେବେ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ପାଇଁ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ସେହିପରି ନଦୀପଠାରେ ବେଆଇନ ଜବରଦଖଲ କରିଥିବା ଘରକୁ ଉଚ୍ଛେଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ଶୁକଯୋଡି ନାଳ ପୋଲ ଦେଇ ପ୍ରବାହିତ ପାଣି ସୁଅରେ ଭାସିଯାଇଥିବା ଯୁବକ।

## ଜୁଆଙ୍ଗ ଅଞ୍ଚଳରେ କରୋନା ସ୍ଥିତି

କେନ୍ଦୁଝର, ୧୪।୮ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଜୁଆଙ୍ଗ ଜନଜାତି ଅଧ୍ୟୁଷିତ ଅଂଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଚିନ୍ତା ପ୍ରକଟ ହୋଇଛି। ଖଜୁରିଆ ଗ୍ରାମରେ ଗତ ଶୁକ୍ରବାର ୮ ଜଣଙ୍କୁ ମିଶାଇ ସମୁଦାୟ ଗ୍ରାମରେ ନଅ ଜଣଙ୍କ କରୋନା ପଜିଟିଭ ବାହାରିଥିବା ଆଶା ଦିଦି ରୀନା ମହାନ୍ତ କହିଛନ୍ତି । ଫଳରେ ଗ୍ରାମରେ ଲୋକେ ଭୟଭୀତ ହୋଇ ପଡିଛନ୍ତି । ତେବେ ଗ୍ରାମରେ ପାଖାପାଖି ୭୪ ପରିବାର ବାସ କରୁଛନ୍ତି। ୩୪୦ ଲୋକ ସଂଖ୍ୟା। ଏଣୁ ଏହି ରୋଗ କେଉଁଠୁ ଆସିଲା ଓ କିପରି ଆସିଲା ଜଣାପଡୁନାହିଁ। ଆଗରୁ କାହାକୁ ହୋଇ ନ ଥିଲା। କିମ୍ବା ଗ୍ରାମବାସୀ ବାହାରକୁ ଯାଇ ନାହାନ୍ତି। ଏଣୁ ଏହା କିପରି ଆସିଲା ଜଣାପଡୁନାହିଁ ବୋଲି ରୀନା ମହାନ୍ତ କହିଛନ୍ତି ।

ଗ୍ରାମରେ କେନ୍ଦୁ ପତ୍ର ବିଡା ବନ୍ଧେଇ କାମ ଚାଲିଛି । ଏଣୁ ପ୍ରଶାସନ ଏନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକ ନିବେଦନ କରିଛନ୍ତି । ସେହିପରି ଗରିବ ଲୋକ ହୋଇଥିବା ବେଳେ ଭଲ ଘର ନାହିଁ । ଏଣୁ କିପରି ହୋମ ଆଇସଲୋଶନରେ ରହିବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହେଉଛି। ନଚେତ ସମଗ୍ର ଗ୍ରାମକୁ ବ୍ୟାପିବା ସମ୍ଭାବନା ରହିଛି ବୋଲି ମତପ୍ରକାଶ ପାଉଛି ।

## ଲୁହାପଥର ବୋଝେଇ ଟ୍ରକ୍ ଧରିଲେ ଅଞ୍ଚଳବାସୀ

ଯୋଡ଼ା/ବଡ଼ବିଲ, ୧୪।୮(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅଧୀନ ରୋଇଡ଼ାସ୍ଥିତ ଓଏମ୍‌ଡିସି ଖଣିରେ ଦ୍ୱିପହରରେ ପଶି ଟ୍ରକ୍‌ରେ ଲହାପଥର ବୋଝେଇକରି କନ୍ଲୋରୋଇଡ଼ା ରାସ୍ତାରେ ପଳାଉଥିବାବେଳେ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଉକ୍ତ ଟ୍ରକ୍ ବିନା ଟ୍ରାଞ୍ଜିଟ ପାସ୍‌ରେ ଖଣି ମଧ୍ୟକୁ ପଶି ଗଚ୍ଛିତ ଥିବା ସାଇଜଡ୍ ଲୁହାପଥର ଷ୍ଟାକ୍‌ରୁ ଲୁହାପଥର ବୋଝେଇ କରି ପଳାଉଥିବାବେଳେ ଗ୍ରାମବାସୀ ଦେଖିଥିଲେ। ଟ୍ରକ୍‌କୁ ଅଟକାଇ ପ୍ରଥମେ ଗ୍ରାମବାସୀ ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ ବିଭଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ଘଟଣାସ୍ଥଳରେ ବଡ଼ବିଲ ଓ ରୁଗୁଡ଼ିପୋଲିସ ପହଞ୍ଚିଥିଲା। ଏନେଇ ଓଏମ୍‌ଡିସି ଖଣି ପ୍ରବନ୍ଧକ ସରୋଜ କୁମାର ଖଣ୍ଡୁଆଳ କହିଛନ୍ତି, ଟ୍ରକ୍‌ଟି ପ୍ରାୟ ୨୫ ମେଟ୍ରିକ ଟନ୍ ଲୁହାପଥର ନେଇ ଖଣିରୁ ପଳାଉଥିବାବେଳେ ଧରାପଡ଼ିଥିଲା। ଖଣି ପକ୍ଷରୁ ଖଣିବିଭାଗ ଓ ପୋଲିସକୁ ଜଣାଇଦିଆଯାଇଛି। ଏଥିରେ ସ୍ଥାନୀୟ ଖଣିଜ ଚୋରଙ୍କର ହାତଥିବା ସେ ସନ୍ଦେହ କରୁଥିବା କହିଛନ୍ତି। ଅନ୍ୟପଟେ ଖଣିଭିତରକୁ ସୁରକ୍ଷାବଳୟ ଦେଇ ଟ୍ରକ୍‌ଟି ଖଣିରେ କିପରି ପଶିଲା ବୋଲି ଗ୍ରାମବାସୀ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି।

## ଲୁଟ୍ ବେଳେ ଧରିଲେ ଲୋକେ

### ୨ ଜଣଙ୍କୁ ପୋଲିସ ଜିମା

ଭଦ୍ରକ ଅଫିସ,୧୪।୮

ଭଦ୍ରକ ସହରର ମେଡିକାଲ ଛକରେ ଶନିବାର ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ କରୁଥିବା ବେଳେ ୨ ଜଣଙ୍କୁ କାବୁ କରିଛନ୍ତି ସ୍ଥାନୀୟ ଲୋକେ। ସେମାନଙ୍କୁ ମାଡ଼ ମାରିବା ପରେ ଟାଉନ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା କ୍ଷୀରକୋଣା ଅଞ୍ଚଳର ନରେନ୍ଦ୍ର ପ୍ରସାଦ ଦାସ ଓ ତାଙ୍କ ସ୍ତ୍ରୀ ଶାଶ୍ୱତୀ ଦାସ ଭଦ୍ରକକୁ ମାର୍କେଟିଂ ପାଇଁ ଆସିଥିଲେ। ଏହି ଦୁଇ ଲୁଟେରା ଶାଶ୍ୱତୀଙ୍କ ବେକରୁ ଚେନ୍ ଝାମ୍ପି ନେଇଥିଲେ। ସ୍ଥାନୀୟ ଲୋକେ ଦେଖି ଦୁଇଜଣଙ୍କୁ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦୁଇ ଲୁଟେରାଙ୍କୁ ନେଇ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସେମାନଙ୍କ ପାଖରୁ ବିଭିନ୍ନ ଆଧାର କାର୍ଡ ଓ ପାନକାର୍ଡ ସହ ଏକ ବାଇକ୍ ପୋଲିସ ଜବତ କରିଛି।

## ବିନାୟକ କଲେଜର ସଫଳତା

ଭଦ୍ରକ ଅଫିସ, ୧୪।୮

ଚଳିତବର୍ଷ ଯୁକ୍ତ ୨ କଳା ପରୀକ୍ଷାଫଳରେ ଭଦ୍ରକ ବିନାୟକ ରେସିଡେନ୍ସିଆଲ ହାୟର ସେକେଣ୍ଡାରି ସ୍କୁଲ ଆଶାତୀତ ସଫଳତା ହାସଲ କରିଛି। ଆବାସିକ ମହାବିଦ୍ୟାଳୟଗୁଡ଼ିକ ମଧ୍ୟରୁ ଏହି କଲେଜ ସଫଳତାର ଶୀର୍ଷରେ ରହିଥିବା ଜଣାପଡ଼ିଛି। କଲେଜ ଅଧ୍ୟକ୍ଷ ପ୍ରଭାତ ପ୍ରଭାକର ପାଢ଼ୀଙ୍କ ସୂଚନା ଅନୁଯାୟୀ, ଯୁକ୍ତ ୨ କଳାରେ ମୋଟ ୬୪ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୧ ଜଣ ପ୍ରଥମ, ୨୭ ଦ୍ୱିତୀୟ ଓ ୧୬ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷର ସଫଳତା ପାଇଁ ଅଧ୍ୟକ୍ଷ ପାଢ଼ୀ, ନିର୍ଦ୍ଦେଶକ ମନୋଜ ପାଢ଼ୀ ଓ ଜୀବନାନନ୍ଦ ପାଣିଗ୍ରାହୀଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଶିକ୍ଷା କର୍ମଚାରୀ ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଅଧ୍ୟାପିକା ହେବାକୁ ଲକ୍ଷ୍ୟ



୪୯୬ ଅର୍ଥାତ୍ ୮୨.୬୬ ପ୍ରତିଶତ ମାର୍କ ରଖି କଲେଜର ଟପ୍ପର ହୋଇଛି। ପାଠ ପଢ଼ି ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି। ଏହି ସଫଳତା ପାଇଁ ମା' ବାପା ଏବଂ କଲେଜ ଅଧ୍ୟକ୍ଷଙ୍କ ସମେତ ଅଧ୍ୟାପିକା ଅଧ୍ୟାପକଙ୍କୁ ଶ୍ରେୟ ଦେବି।
–ମହେଶ୍ୱରୀ ଜେନା, ଟପ୍ପର।

## ଧରାପଡ଼ିଲେ ୪ ଜଣିଆ ଚୋର ଗ୍ୟାଙ୍ଗ

- ଫାଇନାନ୍ସ କର୍ମଚାରୀଙ୍କୁ ଟାର୍ଗେଟ୍ କରୁଥିଲେ
- ୨ ବାଇକ ସହ ଟାଙ୍ଗିଆ, ଭୁଜାଲି ଜବତ

ରୂପସା, ୧୪।୮(ଡି.ଏନ.ଏ.)



ଗିରଫ ୪ ଅଭିଯୁକ୍ତ।

ବାଲେଶ୍ୱର ଜିଲା ରୂପସା ଥାନା ପୋଲିସ ହାତରେ ଧରାପଡିଛନ୍ତି ୪ଜଣିଆ ଲୁଟେରା ଗ୍ୟାଙ୍ଗ। ବିଭିନ୍ନ ସମୟରେ ଫାଇନାନ୍ସ କର୍ମଚାରୀଙ୍କୁ ଟାର୍ଗେଟ କରି ଲକ୍ଷ ଲକ୍ଷ ଟଙ୍କା ଓ ମୋବାଇଲ ଲୁଟ କରିଥିବା ଅଭିଯୋଗରେ ଓଆଇସି କମଳାକାନ୍ତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଶୁକ୍ରବାର ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଘିରିଆ ଗ୍ରାମର ସୁବ୍ରତ ଗିରି, ଲଛମନଖୁଣ୍ଟାର ଦୀନବନ୍ଧୁ ସିଂ, ପୋଡାଡ଼ିହାର ଦୀପକ ମହାନ୍ତ ଏବଂ ବଡଜହତା ଗ୍ରାମର ଗଣେଶ୍ୱର ମହାନ୍ତି। ଏମାନଙ୍କଠାରୁ ଦୁଇଟି ବାଇକ, ଗୋଟିଏ ଟାଙ୍ଗିଆ, ଭୁଜାଲି ଓ ଦାଉଲି ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୯୧/୨୧) ରୁଜୁ କରି ଶନିବାର ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି। ଗତ ୯ତାରିଖରେ ଜଣେ ଫାଇନାନ୍ସ କର୍ମଚାରୀ କିଶୋର ମାଝୀ ମହିଳା ଗୋଷ୍ଠୀଙ୍କଠାରୁ ଟଙ୍କା ଆଦାୟ କରି ଯାଉଥିବା ବେଳେ ରାଉତପଡା ପଞ୍ଚାୟତ ଅଫିସ ନିକଟ ଓଗାଳଷେଣ୍ଡ ପୋଲଠାରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ୬୧ହଜାର ଟଙ୍କା ଓ ମୋବାଇଲ ଲୁଟ୍ କରି ଚମ୍ପଟ ମାରିଥିଲେ। ସେହିପରି ଗତ ୬ତାରିଖରେ ରାଉତପଡ଼ା ଓ ପଳାସିଆ ରାସ୍ତାରେ ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଭୁଜାଲି ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନେ ରୂପ୍‌ସା, ବସ୍ତା, ରେମୁଣା ଥାନା ଏବଂ ମୟୂରଭଞ୍ଜ ଜିଲାର ରାଜପଥ ସମେତ ବିଭିନ୍ନ ହାଟ, ବଜାର ଓ ଗ୍ରାମାଞ୍ଚଳରୁ ଟଙ୍କା, ବାଇକ୍ ଓ ମୋବାଇଲ ଲୁଟ୍ କରୁଥିବା ପୋଲିସ ନିକଟରେ ମାନିଥିଲେ। ମୟୂରଭଞ୍ଜ ଜିଲାର କେଶୁରା, ନିମଡ଼ିହା ଆଦି ଜଙ୍ଗଲରେ ଟଙ୍କା ଭାଗବଣ୍ଟା ପରେ ସେଠାରେ ଫିଙ୍ଗିଥିବା ଫାଇନାନ୍ସ କର୍ମଚାରୀଙ୍କ ବ୍ୟାଗକୁ ମଧ୍ୟ ପୋଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## କାନ୍ଥ ପଡ଼ି ୩ ଆହତ

ଭଣ୍ଡାରିପୋଖରୀ, ୧୪।୮ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ଗ୍ରାମର ଅଶୋକ ମଲିକଙ୍କ ଘର କାନ୍ଥ ପଡ଼ି ପରିବାରର ୩ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ପରିବାର ଲୋକ ଶୋଇଥିବା ବେଳେ ପୁରୁଣାଘରର ବାଲି ମାଟି ଗାରାରେ ନିର୍ମିତ ମଝିକାନ୍ଥ ପଡ଼ିଯାଇଥିଲା। ଅଶୋକଙ୍କ ମା' କେତକୀ, ପୁତୁରା ଶୁଭମ ଓ ଝିଆରୀ ଅମିତା କାନ୍ଥ ତଳେ ଚାପି ହୋଇଯାଇଥିଲେ। ପଡ଼ୋଶୀ ସେମାନଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ଗୁରୁତର କେତକୀ ଓ ଶୁଭମଙ୍କୁ ଯାଜପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଉଜୁଡ଼ିଲା ଫସଲ, ଭାଙ୍ଗିଲା ଘର

ପାଟଣା,୧୪।୮(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ମାଛଗଡ଼ ସାଉଥ ବିଟ ଅଞ୍ଚଳରେ ୨୬ ଟିକିଆ ଝାଡ଼ଖଣ୍ଡୀ ହାତୀ ପଲଙ୍କ ଉପଦ୍ରବ ଥମିବାରେ ନାଁ ଧରୁନି। ୭ ଦିନ ଧରି ଏହି ହାତୀ ପଲ ପାଟଣା ରେଞ୍ଜ୍‌ରେ ଡେରା ପକାଇ ଉତ୍ପାତ ଜାରି ରଖିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହାତୀପଲ ଗୋଜାପଥର, ଖଡ଼ିବେଡା ଜୟପୁର, କୁଦାବେଡା, ଡାଳପକା କେନ୍ଦୁଯୋଡ଼ା ଗାଁରେ ପଶି ବ୍ୟାପକ ଧାନ ଫସଲ ଖାଇ ନଷ୍ଟ କରିବା ସହ ବୋଇତାଳୁ ବଗିଚାରେ ପଶି ବୋଇତାଳୁ ଗଛ ମାଡ଼ି ଦଳି ନଷ୍ଟ କରିଛନ୍ତି। ଏହାସହ ଖଡିବେଡା ଗ୍ରାମର ବେହେରା ବିରୁଆ ଓ ବାଇଧର ବିରୁଆଙ୍କ ଘର ଭାଙ୍ଗି ଘରେ ପଶି ଘରେ ଥିବା ଧାନ ଓ ଚାଉଳ ଖାଇ ପକାଇଥିବା ବେଳେ ଏହି ହାତୀପଲ ଗୋଜାପଥର ଗ୍ରାମର ମାଙ୍ଗୁ ମୁଣ୍ଡାଙ୍କ ଘର ମଧ୍ୟ ଭାଙ୍ଗି ଦେଇଛନ୍ତି। ଦୀର୍ଘ ୭ ଦିନ ହେବ ହାତୀପଲ ଏ ଅଞ୍ଚଳରେ ୧୨ ରୁ ଊର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗି ସାରିଲେଣି। ଏବେ ହାତୀପଲ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ରେଞ୍ଜ୍ ଟୀକାସିଲ ସଂରକ୍ଷିତ ଜଙ୍ଗଲରେ ଥିବା ରେଞ୍ଜର ଟିକେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି। ଘର ଭାଙ୍ଗିଥିବା ଓ ଚାଷ ଜମି କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦିଆଯିବ ବୋଲି ରେଞ୍ଜର କହିଛନ୍ତି।

## ନ୍ୟାୟ ଦାବି କଲା ଭାଜପା ମହିଳା ମୋର୍ଚ୍ଚା

### ନାବାଳିକା ଆତ୍ମହତ୍ୟା ଘଟଣା

ଭଦ୍ରକ ଅଫିସ,୧୪।୮

ଭଦ୍ରକ ପୁରୁଣାବଜାର ଥାନା ଅଞ୍ଚଳରେ ଜଣେ ନାବାଳିକା ଆତ୍ମହତ୍ୟା ଘଟଣାକୁନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଉପଯୁକ୍ତ ନ୍ୟାୟ ପାଇଁ ଭାଜପାର ରାଜ୍ୟ ମହିଳା ମୋର୍ଚ୍ଚା ଦାବି କରିଛି। ଶନିବାର ମହିଳା ମୋର୍ଚ୍ଚାର ସଭାପତି ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଉପସଭାପତି କସ୍ତୁରୀ ମିଶ୍ର, ସମ୍ପାଦିକା ଇତିଶ୍ରୀ ଜେନା, ଜିଲା ସଭାପତି ହରପ୍ରିୟା ସାହୁ ପ୍ରମୁଖ ମୃତା ନାବାଳିକାଙ୍କ ଗାଁରେ ପହଞ୍ଚି ଘଟଣାର ସତ୍ୟାସତ୍ୟ ବୁଝିଥିଲେ। ପୋଲିସ ଏତଲାକୁ ହାଲୁକା ଭାବେ ଗ୍ରହଣ କରି ପୋକ୍‌ସୋ ଆକ୍ଟ ଓ ଅନ୍ୟ ଦଫା ନ ଲଗାଇବା, ଅଭିଯୁକ୍ତ ଜାମିନରେ ଆସି ପୁଣି ଧମକ ଦେବା କାରଣରୁ ନାବାଳିକା ଜଣଙ୍କ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଲେ ବୋଲି ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହିଳାମୋର୍ଚ୍ଚା ନେତ୍ରୀମାନେ ଅଭିଯୋଗ କରିଛନ୍ତି।




ଖବରଦାତା ସମ୍ମିଳନୀରେ ଭାଜପା ମହିଳାମୋର୍ଚ୍ଚା ନେତ୍ରୀ।

## ଏବିଭିପିର ବିଶାଳ ତ୍ରିରଙ୍ଗା ରାଲି

ସଜନାଗଡ଼, ୧୪।୮(ଡି.ଏନ.ଏ.)



ତ୍ରିରଙ୍ଗା ରାଲିରେ ଏବିଭିପି କର୍ମକର୍ତ୍ତା।

ଅଖଣ୍ଡ ଭାରତ ସଂକଳ୍ପ ଦିବସ ଅବସରରେ ବାଲେଶ୍ୱର ଜିଲାର ନୀଳଗିରି ନଗରରେ ଏବିଭିପିର ବିଶାଳ ୨୦୦ଫୁଟର ତ୍ରିରଙ୍ଗା ରାଲି ନୀଳଗିରି ବସ୍‌ଷ୍ଟାଣ୍ଡରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ହୋଇଯାଇଛି। ନଗର ସମ୍ପାଦକ ଗୋପୀବଲ୍ଲଭ ରାଉତ, ଜିଲା ସହ ସଂଯୋଜକ ଜୀବନଜ୍ୟୋତି ରାଉତ, ବ୍ଲକ ସଂଯୋଜକ ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପ୍ରମୁଖ ଅଧ୍ୟାପକ ପ୍ରତ୍ୟୁଷ କୁମାର ବେହେରା ଓ ନଗର ଉପସଭାପତି ନିହାର ରଞ୍ଜନ ବେହେରା ଉପସ୍ଥିତ ରହିଥିଲେ। ୩୦୦ ପାଖାପାଖି ଛାତ୍ରୀଛାତ୍ରଙ୍କ ଭାରତ ମାତା କି ଜୟ ନାରାରେ ପ୍ରକମ୍ପିତ ହୋଇଥିଲା ନୀଳଗିରି ବଜାର। ଅମୃତ ମହୋତ୍ସବ ପାଳନ ଅବସରରେ ରବିବାର ପ୍ରତ୍ୟେକ ଗାଁରେ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାମାନେ ତ୍ରିରଙ୍ଗା ଉଡ଼ାଇବେ ବୋଲି ରାଜ୍ୟ ବିଶ୍ୱ ବିଦ୍ୟାଳୟ ସଂଯୋଜକ ଲକ୍ଷ୍ମୀ ନାରାୟଣ ନାୟକ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ ପରିଷଦର ପୁରାତନ କାର୍ଯ୍ୟକର୍ତ୍ତା ସତ୍ୟନାରାୟଣ ମହାପାତ୍ର, ଚନ୍ଦ୍ରବିନ୍ଦୁ ଦାସ, ସମର ଶଙ୍କର କାନୁନ୍‌ଗୋ, ଭବାନୀ ଶଙ୍କର ଓ କାର୍ତ୍ତିକ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତାର ଏହି ୭୫ ବର୍ଷ ଅବସରରେ ଆସନ୍ତା ସ୍ୱାଧୀନତା ଦିବସରେ ଗାଁ ଗାଁରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ଏବିଭିପି ଯୋଜନା ପ୍ରସ୍ତୁତ ହୋଇଛି। ସ୍ୱାଧୀନତାର ଏହି ଉତ୍ସବକୁ ସାମାଜିକ ଓ ରାଷ୍ଟ୍ର ଉତ୍ସବ ଭାବେ ପ୍ରତ୍ୟେକ ବ୍ୟକ୍ତି ପାଳନ୍ତୁ ବୋଲି ବିଦ୍ୟାର୍ଥୀ ପରିଷଦ ଆଗ୍ରହ ପ୍ରକାଶ କରିଛି।

## ରାସ୍ତା ଉପରେ ଜଳିଗଲା ବାଇକ୍

ଜଳେଶ୍ୱର,(ଡି.ଏନ.ଏ.): ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲିଟିର ବଡବଜାର ପୋଲ ଉପରେ ଶନିବାର ମଧ୍ୟାହ୍ନରେ ଏକ ବାଇକ୍ ହୁ ହୁ ହୋଇ ଜଳିଯିବା ଫଳରେ ରାସ୍ତାରେ ଯାଉଥିବା ପଥଚାରୀମାନେ ଭୟଭୀତ ହୋଇପଡିଥିଲେ। ପଞ୍ଚୁଘଣ୍ଟା ଗ୍ରାମର ଆମିତ୍ୟ କୁମାର ମହାନ୍ତି ନିଜର ବାଇକ୍ ବଡବଜାର ପୋଲ ଉପରେ ରଖି ମାଛ ଆଣିବାକୁ ଯାଇଥିଲେ। କିଛି ସମୟ ପରେ ବାଇକ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିବା ବେଳକୁ ବାଇକ୍ ସମ୍ପୂର୍ଣ୍ଣ ଜଳିଯାଇଥିଲା ।

# ଜଳେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସରେ ଏସ୍‌ଟିଏଫ୍ ଟିମ୍

**ବ୍ରାଉନସୁଗାର ବେପାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପ୍ରସଙ୍ଗ**

ଜଳେଶ୍ୱର, ୧୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଉପାନ୍ତ ଜଳେଶ୍ୱରରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢୁଥିବା ବେଳେ ଅବକାରୀ କିମ୍ବା ଏସ୍‌ଟିଏଫ୍ ତାହାକୁ ରୋକିବାକୁ ସଫଳ ହୋଇପାରିନାହିଁ । ଫଳରେ ନିଶା ବେପାରୀମାନେ ସେମାନଙ୍କ କାରବାର ଅନାୟାସରେ ସମଗ୍ର ରାଜ୍ୟରେ ଚଳାଇଆସୁଛନ୍ତି। ପ୍ରଶାସନ ପାଇଁ ଏହା ଚ୍ୟାଲେଞ୍ଜ ହୋଇଛି। ଏସ୍‌ଟିଏଫ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ଲାଗି ପ୍ରକ୍ରିୟା ଆରମ୍ଭ କରିଛି।

ଜଳେଶ୍ୱରର ବ୍ରାଉନସୁଗାର ବ୍ୟବସାୟୀ ସେଖ୍ ସମୀରୁଦ୍ଦିନ ଓରଫ୍ ଟାକୁଲୁ ରାଜା ତାଙ୍କ ନିଶା କାରବାର ବାଂଲାଦେଶ ଓ ପଶ୍ଚିମବଙ୍ଗରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ସ୍ଥାନରେ ଚଳାଇ ଆସୁଥିଲେ। ତାଙ୍କ ନାମରେ ବହୁ ଅଭିଯୋଗ ଥିଲେ ମଧ୍ୟ ସେ ଫେରାର ହୋଇ ନିଶା କାରବାର ଚଳାଉଥିଲେ। ସେ କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କରିବା ସହିତ ନିଜ ନାମରେ ଓ ସମ୍ପର୍କୀୟଙ୍କ ନାମରେ ବହୁ ସମ୍ପତ୍ତି କିଣିଥିବା ଏସ୍‌ଟିଏଫ ଜାଣିବାକୁ ପାଇଥିଲା। ଗିରଫ ଭୟରେ ଗତ ଏପ୍ରିଲରେ ବାଲେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଆତ୍ମସମର୍ପଣ କରିବା ପରେ ସେ ଏବେ ଜେଲ୍‌ରେ ଅଛନ୍ତି। ଏସ୍‌ଟିଏଫ୍ ଟିମ୍ ଜଳେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ପହଞ୍ଚି ତାଙ୍କ ପତ୍ନୀ, ପରିବାର ସଦସ୍ୟଙ୍କ ନାମରେ ଥିବା ରାଜପୁର ଓ ଖାଡ଼େଶ୍ୱରପୁର ମୌଜାରେ ଥିବା କୋଟି କୋଟି ଟଙ୍କାର ସମ୍ପତ୍ତିର ଦଲିଲ ବାହାର କରି ଖୋଳତାଡ ଆରମ୍ଭ କରିଛି । ଏହି ଖବର ପ୍ରଚାରିତ ହେବା ପରେ ଅନ୍ୟ ନିଶାବେପାରୀଙ୍କ ମନରେ ଛନକା ପଶିଛି।

# ଉତ୍ତରଓଡ଼ିଶା: ବଢ଼ିଲା ପାସ୍ ହାର

କେନ୍ଦୁଝର/ ବାରିପଦା ଅଫିସ/ ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ, ୧୪।୮ (ସ୍ୱ.ପ୍ର./ଡି.ଏନ.ଏ.)

- ବାଲେଶ୍ୱର ପାସ୍‌ହାର ୯୫.୨୯%
- ଭଦ୍ରକରେ ୯୨.୩୫%
- ମୟୂରଭଞ୍ଜରେ ୯୧.୪୪%
- କେନ୍ଦୁଝରରେ ୮୭.୧୧%

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ପ୍ରକାଶ ପାଇଛି। କଳାରେ ଉତ୍ତରଓଡ଼ିଶାର ପାସ୍‌ହାର ୯୦ ପ୍ରତିଶତ ଅଧିକ ରହିଛି। କେନ୍ଦୁଝର ଜିଲାରେ ୮୭.୧୧%, ମୟୂରଭଞ୍ଜରେ ୯୧.୪୪%, ଭଦ୍ରକରେ ୯୨.୩୫% ଓ ବାଲେଶ୍ୱରରେ ୯୫.୨୯% ପାସ୍‌ହାର ରହିଛି। କେନ୍ଦୁଝରରେ ସମୁଦାୟ ୮,୨୬୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୭୨୦୩ ଜଣ ପାସ୍ କରିଥିବା ଜଣାପଡିଛି । ପ୍ରଥମ ଶ୍ରେଣୀରେ ୧୧୮୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୫୦୫ ଜଣ, ତୃତୀୟ ଶ୍ରେଣୀରେ ୪୫୦୩ ଜଣ ଓ କମ୍ପାଟମେଣ୍ଟରେ ୮ଜଣ ପାସ କରିଥିବା ଜଣାପଡିଛି। ସେହିପରି ଧନ୍ଦା ମୂଳକ ପାଠ୍ୟକ୍ରମରେ ପାସ୍ ହାର ୮୧.୬୯%। ୪୩୭ ଜଣଙ୍କ ମଧ୍ୟରୁ ୩୫୭ ଜଣ ପାସ କରିଛନ୍ତି । ସେଥିରୁ ପ୍ରଥମ ଶ୍ରେଣୀରେ ୮୦, ଦ୍ୱିତୀୟ ଶ୍ରେଣୀରେ ୧୪୭ ଜଣ, ତୃତୀୟ ଶ୍ରେଣୀରେ ୧୦୫ ଜଣ ପାସ୍ କରିବା ସହ କମ୍ପାଟମେଣ୍ଟରେ ୨୫ ଜଣପାସ କରିଛନ୍ତି ।

ମୟୂରଭଞ୍ଜରେ କଳାରେ ୧୩, ୧୯୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୨୦୬୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪୧୮ ପ୍ରଥମ, ୨୫୬୫ ଦ୍ୱିତୀୟ ଓ ୮୦୭୮ ଜଣ ତୃତୀୟ ଶ୍ରେଣୀ ହାସଲ କରିଛନ୍ତି। ୨ ଜଣ କମ୍ପାଟମେଣ୍ଟରେ ପାସ୍ କରିଛନ୍ତି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ଜିଲାରୁ ୬୪୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୬୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୧୦ ପ୍ରଥମ, ୧୯୨ ଦ୍ୱିତୀୟ ଓ ୨୪୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୭ ଜଣ କମ୍ପାଟମେଣ୍ଟରେ ପାସ୍ କରିଛନ୍ତି। ଏଥିରେ ଜିଲାରେ ମୋଟ ପାସ୍‌ହାର ୮୭.୫୦% ରହିଥିବା ଶିକ୍ଷା ପରିଷଦର ବାରିପଦା ଶାଖା କାର୍ଯ୍ୟାଳୟର ଉପ ସଚିବ ଜୟଦେବ ପ୍ରମାଣିକ ସୂଚନା ଦେଇଛନ୍ତି।

ଭଦ୍ରକରେ କଳାରେ ୭୭୯୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୭୨୦୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧୯୯ ପ୍ରଥମ, ୧୭୫୫ ଦ୍ୱିତୀୟ, ୪୨୩୫ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କମ୍ପାଟମେଣ୍ଟରେ ୧୨ ଜଣ ପାସ୍ କରିଛନ୍ତି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ୩୦୧ ଜଣ ପରୀକ୍ଷା ଦେଇଥିବା ବେଳେ ୨୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୯ ପ୍ରଥମ, ୯୭ ଦ୍ୱିତୀୟ ଓ ୧୩୬ ତୃତୀୟ ଶ୍ରେଣୀ, ଏବଂ କମ୍ପାଟମେଣ୍ଟରେ ୪ ଜଣ ପାସ୍ କରିଛନ୍ତି। ୮୮.୩୭% ପାସ୍‌ହାର ରହିଛି।

ବାଲେଶ୍ୱର ଜିଲାରେ ଯୁକ୍ତ ୨ କଳାରେ ୧୨ହଜାର ୧୧୫ ଛାତ୍ରୀଛାତ୍ର ଫର୍ମପୂରଣ କରିଥିବା ବେଳେ ୧୧ହଜାର ୭୩୬ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୪ହଜାର ୧୦୪ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୩ହଜାର ୩୦୭, ତୃତୀୟ ଶ୍ରେଣୀରେ ୪ହଜାର ୩୧୮ ଏବଂ ପତ୍ର ବିନିମୟ ଶିକ୍ଷା (କମ୍ପାଟମେଣ୍ଟାଲ)ରେ ୭ଜଣ ପାସ୍ କରିଛନ୍ତି। ସେହିପରି ଯୁକ୍ତ୨ ଧନ୍ଦାମୂଳକ ଶିକ୍ଷାରେ ଜିଲାରେ ମୋଟ୍ ୩୪୨ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ୩୨୭ (୯୫.୬୧%) ପାସ୍ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୦୪ ଛାତ୍ରୀଛାତ୍ର, ଦ୍ୱିତୀୟ ଶ୍ରେଣୀରେ ୧୦୬ ଓ ତୃତୀୟ ଶ୍ରେଣୀରେ ୧୧୧ ଏବଂ ପତ୍ର ବିନିମୟ ଶିକ୍ଷା (କମ୍ପାଟମେଣ୍ଟାଲ )ରେ ୬ଜଣ ପାସ୍ କରିଛନ୍ତି।

## ଚୋରି ବ୍ୟାଟେରି ଉଦ୍ଧାର: ଜଣେ ଗିରଫ

ସୋର, ୧୪।୮(ଡି.ଏନ୍.ଏ.)

ସୋର ବ୍ଲକ ବାସୁଦେଇପୁର ଗ୍ରାମର ଜଣେ ବ୍ୟାଟେରି ଚୋରଙ୍କୁ ପୋଲିସ ଗିରଫ କରିବା ସହିତ ୨ଟି ଚୋରି ବ୍ୟାଟେରି ଜବତ କରିଛି। ଏହି ଗ୍ରାମର ଆନନ୍ଦ ଜେନାଙ୍କ ପୁଅ ମୁକ୍ତିକାନ୍ତ ଜେନା ସେହି ଗ୍ରାମର ୱାର୍ଡ଼ମେମ୍ବର ବନମାଳୀ ଜେନାଙ୍କ ଘର ଆଗରେ ଛିଡ଼ା ହୋଇଥିବା ଟ୍ରାକ୍ଟରରୁ ବ୍ୟାଟେରି ବିଳମ୍ବିତ ରାତିରେ ଚୋରି କରୁଥିବା ବେଳେ ଘରଲୋକ ଜାଣିପାରି ତାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ସୋର ଥାନା ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତି ପହଞ୍ଚି ମୁକ୍ତିକାନ୍ତଙ୍କୁ ଧରିଆଣି ଜେରା କରିବା ସମୟରେ ଏହା ପୂର୍ବରୁ ସେହି ଗ୍ରାମର କରୁଣାକର ସାସମଲ ଏବଂ ପ୍ରଦୀପ ସାସମଲଙ୍କ ଟ୍ରାକ୍ଟରରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ଶନିବାର ପୋଲିସ ଚୋରି ବ୍ୟାଟେରିକୁ ଜବତ କରିବା ସହିତ ମୁକ୍ତିକାନ୍ତଙ୍କୁ କୋର୍ଟ ଚାଲାଣ କରିଛି।




# କଳାରେ ଲକ୍ଷ୍ମୀପ୍ରିୟା ନିଷ୍ଟ ଟପ୍ପର

**ପୁଣି ଥରେ ଶତପ୍ରତିଶତ ସଫଳତା**

ବାଲେଶ୍ୱର ଅଫିସ, ୧୪।୮: ଯୁକ୍ତ ୨ କଳାର ପରୀକ୍ଷା ଫଳ ସାରା ରାଜ୍ୟରେ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ନିଷ୍ଟ +୨ କଳା ଓ ବିଜ୍ଞାନ ମହାବିଦ୍ୟାଳୟ, ବାଲେଶ୍ୱର ପୂର୍ବବର୍ଷ ପରି ତାର ସଫଳତା ଜାରି ରଖିଛି। ମହାବିଦ୍ୟାଳୟର ୬୦ ଛାତ୍ରୀଛାତ୍ର ଦେଇଥିଲା ବେଳେ ସମସ୍ତ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ୨୬ ଜଣ ପିଲା ପ୍ରଥମ ଶ୍ରେଣୀ ଅଧିକାର କରିଛନ୍ତି। ଅନୁଷ୍ଠାନ ତରଫରୁ ଛାତ୍ରୀ ଲକ୍ଷ୍ମୀପ୍ରିୟା କରଣ ୫୧୨ ମାର୍କ ରଖି ଅନୁଷ୍ଠାନର ନାମ ରଖିଛନ୍ତି। ଅନୁଷ୍ଠାନ ଚେୟାରମ୍ୟାନ୍ ଅଧ୍ୟାପିକା ସୁଚିତ୍ରା ଜେନାଙ୍କ ଦ୍ୱାରା ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ପାଦିକା ଦେବୀସ୍ମିତା ଜେନା, ନିର୍ଦ୍ଦେଶିକା ଆରାଧନା ସାହୁ, ନିର୍ଦ୍ଦେଶିକା ସସ୍ମିତା ନାୟକ ଯୋଗଦେଇଥିଲେ। ଏଥିରେ ଲକ୍ଷ୍ମୀପ୍ରିୟା କରଣ (୫୧୨ ମାର୍କ), କୃଷ୍ଣାରାଣୀ ବେହେରା (୫୦୦ ମାର୍କ), ସୌମ୍ୟରଞ୍ଜନ ମହାନ୍ତି, ଅମୀଷା ପ୍ରିୟଦର୍ଶନୀ ପିଲା, ପ୍ରିୟଙ୍କା ଦାସ, ସତ୍ୟଜିତ ପ୍ରଧାନ, ପ୍ରଭନଜିତ୍ ବେହେରା, ସତ୍ୟଜିତ ପାଣିଗ୍ରାହୀ, ରାକେଶ କୁମାର କୁଇଲା, ସୌମ୍ୟସୁଚରିତା ଗାଣ, ଅନୁରକ୍ତା ମହାନ୍ତି, ସୁଜାତା ସାହୁ, ସୁଶ୍ରୀ ସଂଗୀତା ପରିଡ଼ା, ଦୀପଶଙ୍କର ପ୍ରଧାନ, ଉର୍ମିସାଗର ଚାନ୍ଦ, ଇସିତା ଜେନା, ବିଷ୍ଣୁପଦ ଦେ, ବୈଶାଖୀ ପାତ୍ର, ଶୁଭଲକ୍ଷ୍ମୀ ଜେନା, ସଞ୍ଜୁକ୍ତା ପାତ୍ର, ଲୋପିତା ମିଶ୍ର, ତନ୍ମୟ କୁମାର ମୁର୍ମୁ, ସତ୍ୟପ୍ରକାଶ ଧଳ, ଦେବିକା ମାହାନା, ବସନ୍ତ ସୈନିକ, ମନୋଜ କୁମାର ପ୍ରମାଣିକ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଅଧ୍ୟାପକ ରୁଦ୍ରମଣି ସ୍ୱାଇଁ, ଅମୀୟ କୁମାର ପରିଡ଼ା, ସୌମ୍ୟକାନ୍ତ ଦଳେଇ, ଲକ୍ଷ୍ମୀକାନ୍ତ ପଣ୍ଡା, ସୁଚିସ୍ମିତା କର, ନିବାରଣ ଶତପଥୀ, ଆଦିତ୍ୟ ସାର, ରାଜଶ୍ରୀ ପଣ୍ଡା, ଲୋକରଞ୍ଜନ ମହାପାତ୍ର, ବିଭୁଦତ୍ତ ଗିରି, ଅବିନାଶ ସାର, ସଦାଶିବ ଜେନା, ଅଜିତ କୁମାର ସାହୁ, ମନୋଜ କୁମାର ପ୍ରଧାନ, ରତିକାନ୍ତ ରାଉଳ, ଲକ୍ଷ୍ମୀକାନ୍ତ ନାଥ, ଉତ୍ତମ କୁମାର ବେହେରା, ଉମାକାନ୍ତ ଜେନା ସହଯୋଗ କରିଥିଲେ।













## ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ରୋଗୀଙ୍କ ସମ୍ପର୍କୀୟ

ଚମ୍ପୁଆ, ୧୪।୮(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଛନ୍ତି ରୋଗୀଙ୍କ ସମ୍ପର୍କୀୟ। ବେସରକାରୀ ପରୀକ୍ଷାଗାରରେ ରକ୍ତ ପରୀକ୍ଷା ନ କରି ସରକାରୀ ପରୀକ୍ଷାଗାରରେ କରିବାରୁ ଡାକ୍ତର ରୋଗୀ ଦେଖୁ ନ ଥିବା କହିଛନ୍ତି।

ପ୍ରକାଶ ଯେ, ମୟୂରଭଞ୍ଜ ଅଞ୍ଚଳର ରବିମୁଣ୍ଡାଙ୍କ ସ୍ତ୍ରୀ ମାନିଅସୁସ୍ଥ ଥିବାରୁ ଶୁକ୍ରବାର ତାଙ୍କୁ ଚମ୍ପୁଆ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ରବି ଓ ତାଙ୍କ ପୁଅ ରାଜେନ୍ଦ୍ରଙ୍କ କହିବା ଅନୁସାରେ ଶନିବାର ଦାୟିତ୍ୱରେ ଥିବା ଡାକ୍ତର ସୁଜିତ କୁମାର ଲେଙ୍କା ମାନିଙ୍କ ରକ୍ତପରୀକ୍ଷା ପାଇଁ ଲିଖିତ ପରାମର୍ଶ ଦେବା ସହ ବାହାରେ ପରୀକ୍ଷା କରିବା ପାଇଁ କହିଥିଲେ। ସେମାନଙ୍କ ପାଖରେ ଆବଶ୍ୟକ ଟଙ୍କା ନ ଥିବାରୁ ଉକ୍ତ ଡାକ୍ତରଖାନା ପରିସରରେ ଥିବା ସରକାରୀ ପରୀକ୍ଷାଗାରରେ ସେମାନେ କେବଳ ରକ୍ତ ପରୀକ୍ଷା କରି ରିପୋର୍ଟ ନେଇଥିଲେ । ସେଥିପାଇଁ ଡାକ୍ତର ରୋଗୀ ଦେଖିବାକୁ ମନା କରିଦେଇଥିଲେ। ପରେ ଅନ୍ୟଜଣେ ଡାକ୍ତର ଚିଠା ଦେଖି ଔଷଧ ଲେଖିଥିଲେ। ଅନ୍ୟପକ୍ଷେ ଏସମ୍ପର୍କରେ ଡାକ୍ତର ଲେଙ୍କାଙ୍କୁ ପଚାରିବାରୁ କହିଛନ୍ତି, ଡାକ୍ତରଖାନାରେ ୭ ଦିନ ହେବ ମେଶିନ ଖରାପ ଥିବାରୁ ୟୁରିଆକ୍ରିଏଟିନ ପରୀକ୍ଷା ହୋଇପାରୁନାହିଁ। ମାନି କ୍ରୋନିକ ରୋଗୀ ହୋଇଥିବାରୁ ସିବିସି ପରୀକ୍ଷା ସହିତ ୟୁରିଆକ୍ରିଏଟିନ ଓ ଏଲ୍‌ଏଫ୍‌ଟି ପରୀକ୍ଷା ନିହାତି ଆବଶ୍ୟକ ଥିଲା ବୋଲି ପରାମର୍ଶ ଦେଇଥିଲି। ଏନେଇ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଉମାକାନ୍ତ ସାହୁଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।




## ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆନନ୍ଦପୁର ଗସ୍ତ

ଆନନ୍ଦପୁର,୧୪। ୮(ସ୍ୱ.ପ୍ର.): କେନ୍ଦୁଝର ଜିଲାରେ ନୂତନ ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଥିବା ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଶନିବାର ଆନନ୍ଦପୁର ପୌରାଞ୍ଚଳ ପରିଦର୍ଶନ କରିଛନ୍ତି। ଆନନ୍ଦପୁର ଉପଜିଲ୍ଲାପାଳ ସରୋଜ କୁମାର ଦତ୍ତ, ପୌର ଅଧିକାରୀ ବିପିନ ପ୍ରଧାନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ୫ଟି ଯୋଜନାରେ ନିର୍ମାଣ ହେଉଥିବା ବିଦ୍ୟାଳୟ ଗୁଡିକର କାର୍ଯ୍ୟ ତଦାରଖ କରିଥିଲେ। ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସହିତ ଫକୀରପୁର ଏବଂ ଘସିପୁରା ଅଞ୍ଚଳରେ ବିଦ୍ୟାଳୟ ଗୁଡିକରେ ଚାଲିଥିବା ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହି ଅବସରରେ ପୌରପରିଷଦର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ପୌରାଞ୍ଚଳର ପରିମଳ ବ୍ୟବସ୍ଥା ଠାରୁ ଆରମ୍ଭ କରି ବିଭିନ୍ନ ନିର୍ମାଣ କାର୍ଯ୍ୟରେ ହେଉଥିବା ଅନିୟମିତତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।







## ବକେୟା ଅର୍ଥ ଦାବି କଲା ରିଟେଲର ସଂଘ

ବାସୁଦେବପୁର,୧୪।୮(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ରିଟେଲର ସଂଘ ପକ୍ଷରୁ ଏକ ଜରୁରୀ ବୈଠକ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ରିଟେଲର ମହାସଂଘର ଆହ୍ୱାନ କ୍ରମେ ବାସୁଦେବପୁର ସଂଘର ସଭାପତି ସୁରେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଉପସଭାପତି ଭଗବାନ ପାଣି, ସହସମ୍ପାଦକ ଉମାକାନ୍ତ କର, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମଲିକ, ରିଟେଲର ବସନ୍ତ ମହାନ୍ତି, ଦିବାକର ସ୍ୱାଇଁ, ଅମିୟ ଗିରି, ସର୍ବେଶ୍ୱର ମାଇତି, ସୁରେନ୍ଦ୍ର ସାହୁ, ଭଗବାନ ବାରିକ, ଦୟାନିଧି ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତୁରନ୍ତ ରିଟେଲରମାନଙ୍କୁ ବକେୟା ଅର୍ଥ ପ୍ରଦାନ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି। ରିଟେଲରମାନଙ୍କୁ କରୋନା ଯୋଦ୍ଧା ଘୋଷଣା କରା ନ ଯିବା ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ୨୦୨୦ରେ ୮ ମାସ ଖାଉଟି ସାମଗ୍ରୀ ବଣ୍ଟନ କରାଯାଇଥିବା ବେଳେ ୨୦୨୧ରେ ୭ ମାସ ବଣ୍ଟନ ଲାଗି ନିର୍ଦ୍ଦେଶ ଅଛି। ହେଲେ ଅଦ୍ୟାବଧି ରିଟେଲରଙ୍କୁ ଏହା ବାବଦ ପାରିଶ୍ରମିକ ମିଳିପାରି ନାହିଁ। ଏହାବ୍ୟତୀତ ୨୦୧୭ରୁ ଆରମ୍ଭ ହୋଇଥିବା ଇପିଏସ୍ ମେଶିନର ବ୍ୟବହାରିକ ଖର୍ଚ୍ଚ ମଧ୍ୟ ପ୍ରଦାନ କରାଯାଇ ନ ଥିବା ଯୋଗୁ ପ୍ରାପ୍ୟ ପାଇପାରି ନ ଥିବାରୁ ରିଟେଲରମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସଂଘ ପକ୍ଷରୁ ଏ ସମ୍ପର୍କିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି।



